ODM EDUCATIONAL GROUP
Changing your Tomorrow

# କବିତା-୧ : ବୃକ୍ଷ ମାହାତ୍ମ୍ୟ

## କବି- ଅତିବଡି ଜଗନ୍ନାଥ ଦାସ

## ଶ୍ରେଣୀ – ଅଷ୍ଟମ

## ପ୍ରଥମ ଦିନ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024




ODM EDUCATIONAL GROUP
Changing your Tomorrow

**General Objectives -** ସାଧାରଣ ଆଭିମୁଖ୍ୟ :

ପଣ୍ଡିତ ଜଗନ୍ନାଥ ଦାସ ଏବଂ ଓଡିଆ ଭାଗବତ ସଂପର୍କରେ ଅବଗତ ହେବା ସହ ପୌରାଣିକ ଚରିତ୍ର ମାଧ୍ୟମରେ ବୃକ୍ଷର ମାହାତ୍ମ୍ୟ ଉପରେ ଆଲୋକପାତ ସହ ବୃକ୍ଷର ଉପକାରିତା ସଂପର୍କରେ ଅବଗତ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ପଞ୍ଚସଖା ମାନଙ୍କ ସଂପର୍କରେ ଅବଗତ ହେବା ସହ ଓଡିଆ ଭାଗବତ ଏବଂ ସଂସ୍କୃତ ଭାଗବତ ସଂପର୍କରେ ଧାରଣା, ବ୍ୟାକରଣଗତ ଶବ୍ଦ ଏବଂ କଠିନ ଶବ୍ଦାର୍ଥ ସଂପର୍କରେ ଧାରଣା ।

ODM EDUCATIONAL GROUP
Changing your Tomorrow

## **Activity :** (କ୍ରିୟାକଳାପ)

**ଜଣା ଅଜଣା କାର୍ଯ୍ୟକ୍ରମ**

ଛାତ୍ରଛାତ୍ରୀମାନଙ୍କୁ ନେଇ 'ଜଣା-ଅଜଣା' କାର୍ଯ୍ୟକ୍ରମ । 'ବୃକ୍ଷ ହିଁ ଜୀବନ' ସଂପର୍କିତ ଅନେକ ପ୍ରଶ୍ନ ପଚରାଯିବ ।

୧. 'ବୃକ୍ଷ'ର ପ୍ରତିଶବ୍ଦ ଗୁଡିକ କ'ଣ ?

୨. କେଉଁ ଗଛର କାଠରୁ ଜଗନ୍ନାଥଙ୍କ ଦାରୁ ତିଆରି ହୋଇଥାଏ ?

୩. କାହାକୁ 'ଦାରୁବ୍ରହ୍ମ' କୁହାଯାଏ ?

୪. ବୃକ୍ଷ ଆମକୁ କ'ଣ କ'ଣ ପ୍ରଦାନ କରେ ?

୫. ବୃକ୍ଷର ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟାକୁ କ'ଣ କହନ୍ତି ?

୬.'ବୃକ୍ଷ ମାହାତ୍ମ୍ୟ' – କବିତାର କବି କିଏ ?

୭. ଜଗନ୍ନାଥ ଦାସ କେଉଁ ଯୁଗର କବି ଥିଲେ ?

୮. ପଞ୍ଚସଖା କେଉଁ ମାନଙ୍କୁ କୁହାଯାଏ ?

୯. 'ଓଡିଆ ଭାଗବତ' କିଏ ରଚନା କରିଥିଲେ ?

୧୦. ପଞ୍ଚସଖା ମାନଙ୍କ ମଧ୍ୟରେ ବଡ କିଏ ଥିଲେ ?

ODM EDUCATIONAL GROUP
Changing your Tomorrow

## Learning Outcome

୧.　ବୃକ୍ଷମାନେ ସର୍ବଦା ଇହକାଳ ଓ ପରକାଳରେ ମଣିଷର ଉପକାର କରିଥାନ୍ତି ।

୨.　ବୃକ୍ଷକୁ ସାଧୁ ବା ସୁଜନ ବ୍ୟକ୍ତି ସହ ତୁଳନା କରି ଅନ୍ୟର ଉପକାର କରିବାକୁ ପ୍ରୋତ୍ସାହନ ।

୩.　ବୃକ୍ଷ ବିନା ପ୍ରାଣୀଜଗତ ତିଷ୍ଠିପାରିବ ନାହିଁ ଏହି ବାର୍ତ୍ତା ସମଗ୍ର ମାନବ ସମାଜକୁ ପ୍ରେରଣ ତଥା ସଚେତନ କରିବାର ପ୍ରୟାସ ।

୪.　ବୃକ୍ଷ ହିଁ ମଣିଷର ଜୀବନ ଜୀବିକା ।

୫.　ସବୁଜ ଏବଂ ସୁନ୍ଦର ପରିବେଶ ଗଠନରେ ବୃକ୍ଷର ଅବଦାନ ଅପରିହାର୍ଯ୍ୟ ବୋଲି ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ।

ODM EDUCATIONAL GROUP
Changing your Tomorrow

# ପ୍ରାରମ୍ଭିକ ସୂଚନା ଏବଂ କ୍ଷୁଦ୍ରଗଳ୍ପ ଆଲୋଚନା

କବିତାଟିକୁ ଆଲୋଚନା କରି ବିଷୟକୁ ପ୍ରବେଶ । (ଏମନ୍ତେ କୃଷ୍ଣ ଆଜ୍ଞା ପାଇ ............)

୧.କବି ପରିଚୟ ଏବଂ ପଞ୍ଚସଖା ଯୁଗ

୨.କବିତାର ପ୍ରେକ୍ଷାପଟ

୩. କୃଷ୍ଣଙ୍କର ଗୋଚାରଣ

୪. କୃଷ୍ଣଙ୍କର ସଖାପ୍ରିୟ ଭାବ

**ପଞ୍ଚସଖା ମାନଙ୍କର ନାମ**

୧. ପଣ୍ଡିତ ବଳରାମ ଦାସ

୨. ଅତିବଡି ଜଗନ୍ନାଥ ଦାସ

୩. ଯଶୋବନ୍ତ ଦାସ

୪. ଅଚ୍ୟୁତାନନ୍ଦ ଦାସ

୫. ଶିଶୁ ଅନନ୍ତ ଦାସ

ODM EDUCATIONAL GROUP
Changing your Tomorrow

## କବି ଓ କବିତା :-

କବି ଜଗନ୍ନାଥ ଦାସ ମୂଳଗ୍ରନ୍ଥର ଭାବଧାରାକୁ ଅକ୍ଷୁଣ୍ଣ ରଖି ସେଥିରେ ଉତ୍କଳୀୟ ପରମ୍ପରା, ବିଧିବିଧାନକୁ ସଂଯୋଜିତ କରି ଓଡ଼ିଆ ଭାଗବତକୁ ଜନଜୀବନ ଉପଯୋଗୀ କରିଛନ୍ତି । ‘ଓଡ଼ିଆ ଭାଗବତ’ ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି ‘ତୁଳାଭିଣା’, ‘ଅର୍ଥକୋଇଲି’, ‘ଦାରୁବ୍ରହ୍ମ ଗୀତା’, ‘ଉଷା ହରଣ’, ‘ଶୈବାଗମ ଭାଗବତ’, ‘ମୃଗୁଣୀ ସ୍ତୁତି’, ଇତ୍ୟାଦି ।

ଆଲୋଚ୍ୟ ପାଠ୍ୟାଂଶଟି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଦଶମ ସ୍କନ୍ଧ (ଗୋପଲୀଳା) ଅନ୍ତର୍ଗତ ତ୍ରୟୋବିଂଶ ଅଧ୍ୟାୟରୁ ଅଣାଯାଉଛି । ଏହି ଅଧ୍ୟାୟର ପ୍ରଥମ ପର୍ଯ୍ୟାୟରେ ଗୋପୀମାନଙ୍କର ବାଲୁକା ପୂଜା, କୃଷ୍ଣଙ୍କର ବସ୍ତ୍ରହରଣ ଓ ଗୋପୀଙ୍କର ଉତ୍ସର୍ଗୀକୃତ ମନୋଭାବର ବର୍ଣ୍ଣନା ରହିଛି । ଅଧ୍ୟାୟର ଶେଷ ପର୍ଯ୍ୟାୟରେ କବି ଶ୍ରୀକୃଷ୍ଣଙ୍କ ମୁଖରେ ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।

ODM EDUCATIONAL GROUP
Changing your Tomorrow

**କବିତାର ସାରକଥା:-**

(୧) କବିତାର ପ୍ରେକ୍ଷାପଟ – ଲୀଳାମୟ କୃଷ୍ଣ ଗୋପାଙ୍ଗନାମାନଙ୍କର ମନରେ ଭାବାନ୍ତର ସୃଷ୍ଟି କରିଛନ୍ତି । ସେମାନଙ୍କ ମନରେ କୃଷ୍ଣପ୍ରାଣତାର ଭାବ ସୃଷ୍ଟି କରଛନ୍ତି । ଗୋପାଙ୍ଗନାମାନେ ହରଷ ମନରେ ନିଜ ନିଜର ଘରକୁ ବାହୁଡ଼ି ଯାଇଛନ୍ତି । କୃଷ୍ଣଙ୍କ ଆଦେଶକୁ ସେମାନେ ଯଥାର୍ଥ ଭାବେ ପାଳନ କରି ପରବର୍ତ୍ତୀ ସମୟରେ ମିଳିତ ହେବାର ଆଶା ରଖିଛନ୍ତି । ସେମାନଙ୍କ ମନରେ ରହିଛି କୃଷ୍ଣଙ୍କର କଥା, ହୃଦୟରେ ରହିଛି କୃଷ୍ଣଙ୍କର ଭାବ । ଗୋବିନ୍ଦ ପାଦରେ ମନ ଥୋଇ ସେମାନେ ନିଜ ନିଜ ଘରକୁ ଚାଲିଯାଇଛନ୍ତି ।

ODM EDUCATIONAL GROUP
Changing your Tomorrow

୧. ସନ୍ଦେହ ଦୂରୀକରଣ

୨. ମୂଲ୍ୟାଙ୍କନ

୩. ସଂକ୍ଷିପ୍ତ ପ୍ରଶ୍ନ, MCQ, ସରଳାର୍ଥ ଆଲୋଚନା

ODM EDUCATIONAL GROUP
Changing your Tomorrow




ODM
EDUCATIONAL GROUP
*Changing your Tomorrow*

Superstars Express

# ବୃଷ ମାହାତ୍ମ୍ୟ

ଜଗନ୍ନାଥ ଦାସ

## କବି ପରିଚୟ:

କବି ଜଗନ୍ନାଥ ଦାସ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ରଚିତ ଓଡିଆ ଭାଗବତ ଓଡିଆ ଜାତି ପାଇଁ ଶ୍ରେଷ୍ଠ ଅବଦାନ । ବ୍ୟାସ ଦେବଙ୍କ ରଚିତ ସଂସ୍କୃତ ଭାଗବତର ଏହା ଆକ୍ଷରିକ ଅନୁବାଦ ନୁହେଁ । ମୂଳ ଗ୍ରନ୍ଥର ଯେଉଁ ଅଂଶ ସମାଜ ଉପଯୋଗୀ କବି ଜଗନ୍ନାଥ ଦାସ ତାହାକୁ ଏଥିରେ ସଂପ୍ରସାରିତ କରି ଅନ୍ୟ ଅଂଶକୁ ସଂକ୍ଷିପ୍ତ କରିଛନ୍ତି । ତାଙ୍କୁ ମଧ୍ୟ 'ଅତିବଡି' ଜଗନ୍ନାଥ ଦାସ କୁହାଯାଏ ।

ODM EDUCATIONAL GROUP
Changing your Tomorrow

'ବୃକ୍ଷ ମହାତ୍ମ୍ୟ' କବିତାଟି କବି ଜଗନ୍ନାଥ ଦାସଙ୍କ ରଚିତ ଭାଗବତର ଦଶମ ସ୍କନ୍ଧ ଅନ୍ତର୍ଗତ ଗୋପଲୀଳାର ତ୍ରୟୋବିଂଶ ଅଧ୍ୟାୟରୁ ଆନୀତ । ଏହି ଅଂଶରେ କବି ଶ୍ରୀକୃଷ୍ଣଙ୍କ ମୁଖରେ ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।



ODM EDUCATIONAL GROUP
Changing your Tomorrow

କଠିନ ଶବ୍ଦାର୍ଥ:

ଏମନ୍ତେ କୃଷ୍ଣ ଆଜ୍ଞା ପାଇ
କନ୍ୟାଏ ଗଲେ ତୋଷ ହୋଇ ।
ଗୋବିନ୍ଦ ପାଦେମନ ଥୋଇ
ମିଳିଲେ ନିଜ ଘରେ ଯାଇଁ ।୧।

କନ୍ୟାଏ - ଗୋପ ବାଳାଙ୍କୁ ସମ୍ବୋଧନ କରାଯାଇଛି ।

ତୋଷ - ସନ୍ତୁଷ୍ଟ ।

ଗୋବିନ୍ଦ - ଶ୍ରୀକୃଷ୍ଣଙ୍କ ଅନ୍ୟ ନାମ

ଭାବାର୍ଥ: ଅନୁମତି ପାଇବା ପରେ ଗୋପାଙ୍ଗନା ମାନେ କୃଷ୍ଣଙ୍କ ପାଦପଦ୍ମ ଚିନ୍ତାକରି ସ୍ୱ ସ୍ୱ ଗୃହରେ ପହଞ୍ଚିଲେ ।

ODM EDUCATIONAL GROUP
Changing your Tomorrow

ଗୋପାଳ ମେଳେ ଦାମୋଦର

ଗାଇ ଚରାଇ ଗଲେ ଦୂର ।

ନିଦାଘ ରବି ତେଜ ଲାଗି

ପୋଏ ହୋଇଲେ ଦୁଃଖଭାଗୀ ।

**କଠିନ ଶବ୍ଦାର୍ଥ:**

ଦାମୋଦର - ଦାମ + ଉଦର । ଦାମ ଶବ୍ଦର ଅର୍ଥ ଦଉଡ଼ି । ପିଲାଦିନେ ଅମାନିଆ ଶ୍ରୀକୃଷ୍ଣଙ୍କୁ ମାତା ଯଶୋଦା ଥରେ ଦଉଡ଼ିରେ ବାନ୍ଧିଥିଲେ । ଶ୍ରୀକୃଷ୍ଣଙ୍କ ଶରୀରରେ ସେହି ଦଉଡ଼ିର ଚିହ୍ନ ରହିଯାଇଥିଲା ।

ସେହି କାରଣରୁ ଶ୍ରୀକୃଷ୍ଣଙ୍କର ଗୋଟିଏ ନାମ ହେଉଛି 'ଦାମୋଦର' ।

ନିଦାଘ- ଗ୍ରୀଷ୍ମକାଳ ; ରବି - ସୂର୍ଯ୍ୟ; ପୋଏ - ଗୋପାଳ ବାଳକ ମାନେ ।

ଗୋପ - ଗୋପାଳ ବାଳକ ;

ଭାବାର୍ଥ: ଏହାପରେ କୃଷ୍ଣ ଗୋପାଳ ବାଳକ ମାନଙ୍କ ମେଳରେ ଗାଈ ଚରାଇବାକୁ ଦୁରକୁ ଚ଼ାଲିଗଲେ । ପ୍ରଚଣ୍ଡ ସୂର୍ଯ୍ୟତାପ ହେତୁ ସେ କଷ୍ଟ ପାଇ ବୃକ୍ଷର ସୁଶୀତଳ ଛାୟାରେ ଗୋପାଳ ବାଳକ ମାନଙ୍କ ସହିତ ଗୋରୁ ଚରାଇଲେ ।

ODM EDUCATIONAL GROUP
Changing your Tomorrow

ହେ ସ୍ତୋକକୃଷ୍ଣ ମିତ ମୋର
ଶ୍ରୀଦାମ ଅର୍ଜୁନ ସୁବଳ ।
ଅଂଶୁ ବିଶାଳ ଦେବପ୍ରସ୍ଥ
ଦେଖ ଏ ବୃକ୍ଷଙ୍କ ମହତ୍ତ୍ୱ ।
ପରେ କରନ୍ତି ଉପକାର
ସୁଜନ ପ୍ରାଣୀଙ୍କ ବେଭାର ।

**କଠିନ ଶବ୍ଦାର୍ଥ:**

ସ୍ତୋକକୃଷ୍ଣ - ଶ୍ରୀକୃଷ୍ଣଙ୍କର ମିତ୍ର ;
ପରେ - ଅନ୍ୟ ପାଇଁ ;
ବେଭାର - ବ୍ୟବହାର ;

ODM
EDUCATIONAL GROUP
Changing your Tomorrow

ଭାବାର୍ଥ: ଶ୍ରୀକୃଷ୍ଣ ମୈତ୍ର ସ୍ତୋକକୃଷ୍ଣ ଏବଂ ଶ୍ରୀଦାମ, ଅର୍ଜୁନ, ସୁବଳ, ଅଂଶୁ, ବିଶାଳ ଓ ଦେବପ୍ରସ୍ତ ପ୍ରମୁଖ ସଖା ମାନଙ୍କୁ କହିଛନ୍ତି ଯେ ସୁଜନ ପ୍ରାଣୀଙ୍କ ଭଳି ବୃକ୍ଷମାନେ ପରର ଉପକାର କରନ୍ତି ।



ODM
EDUCATIONAL GROUP
Changing your Tomorrow

ସୁଜନଘରେ ଯେହ୍ନେ ଯାଇ
ଅତିଥି ନିରାଶ ନୁହଇ ।
ପତ୍ର କୁସୁମ ଫଳ ଛାଇ
ମୂଳ ବକଳ ଦାରୁ ଦେଇ ।
କ୍ଷାର , ଅଙ୍ଗାର , ଭସ୍ମ , ଅଠା
ଗୃହକୁ ସାଜି ବାଡ କଣ୍ଟା ।

## ଭାବାର୍ଥ:

ସୁଜନ ଘରକୁ ଗଲେ ଅତିଥି ଯେଭଳି ନିରାଶ ହୁଅନ୍ତି ନାହିଁ ସେହିଭଳି ବୃକ୍ଷ ପତ୍ର, ଫୁଲ, ଫଳ, ଛାଇ, ମୂଳ, ବକଳ, କାଠ, କ୍ଷାର, ଅଙ୍ଗାର, ଭସ୍ମ, ଅଠା, ବାଡ଼ ନିମିତ୍ତ କଣ୍ଟା ଇତ୍ୟାଦି ପ୍ରଦାନ କରି ସେ ନିତି ପରୋପକାର କରେ ।

ଏତେ ପ୍ରକାରେ ସେବା କରି
ନିତ୍ୟେ ଏ ପର ଉପକାରୀ ।
ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।
ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ ।
ଦିନ ହରନ୍ତି ଦୁଃଖ ସୁଖେ
ସେ ଧନ୍ୟ ଇହ ପରଲୋକେ । ୭,୮ ।

ବୃକ୍ଷ ବିଭିନ୍ନ ସେବା କରି ପରୋପକାର କରେ । ସେ କାହାରିକୁ ହେଲେ ନିରାଶ କରେ ନାହିଁ । ଯେଉଁ ଲୋକ ବୃକ୍ଷଙ୍କ ଭଳି ମହତ୍ ଗୁଣ ସମ୍ପର୍ଣ୍ଣ ହୋଇ ଧନ, ମନ ଓ ବଚନରେ ପରୋପକାର କରେ, ଦୁଃଖ ସୁଖରେ କାଳକାଟେ ସେ ଇହଲୋକ ଓ ପରଲୋକରେ ଧନ୍ୟ ହୁଏ ।

ODM EDUCATIONAL GROUP
Changing your Tomorrow

ଶୀତଳ ଜଳ ପାନ କରି
ବୃକ୍ଷର ତଳେ ନରହରି ।
କୃଷ୍ଣଙ୍କୁ ଦେଖି ଗୋପବାଳେ
କହନ୍ତି କ୍ଷୁଧାର ବିକଳେ ।।୧୦।।
ସେ ରାମ କୃଷ୍ଣର ଅଗ୍ରତ
ନଅଇଁ ଦାସ ଜଗନ୍ନାଥ ।

ଯମୁନାର ସୁଶୀତଳ ଜଳପାନ କରି ଶ୍ରୀକୃଷ୍ଣ ବୃକ୍ଷତଳେ ବସିଲେ । କୃଷ୍ଣଙ୍କ ନିକଟରେ ଗୋପାଳ ବାଳକମାନେ କ୍ଷୁଧାତୁର ହେବାର ଜଣାଇଲେ । ସେହି ରାମକୃଷ୍ଣଙ୍କ ଅଗ୍ରତରେ କବି ଜଗନ୍ନାଥ ଦାସ ପ୍ରଣତି ଜଣାଇଛନ୍ତି ।

ODM EDUCATIONAL GROUP
Changing your Tomorrow

୧) ଧନ୍ୟ ଜୀବନ ଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର ।

୨) ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।

୩) ମନ ବଚନ ଧନେ କରି
ଯେ ହୁଏ ପର ଉପକାରୀ ।
ଦିନ ହରନ୍ତି ଦୁଃଖସୁଖେ
ସେ ଧନ୍ୟ ଇହ ପରଲୋକେ ।

ODM EDUCATIONAL GROUP
Changing your Tomorrow

ଶୀତ ବରଷା ଘର୍ମ ଦୁଃଖ
ସହି ଆମ୍ଭକୁ ଦ୍ୟନ୍ତି ସୁଖ ।
ଧନ୍ୟ ଜୀବନ ଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର । ୪-୬ ।

**କଠିନ ଶବ୍ଦାର୍ଥ:**

ଘର୍ମ - ଝାଳ ;
ଦ୍ୟନ୍ତି - ଦିଅନ୍ତି

**ଭାବାର୍ଥ:**

ବୃକ୍ଷମାନେ ଶୀତ, ବର୍ଷା ଓ ଗ୍ରୀଷ୍ମର ଦୁଃଖ ସହ୍ୟ କରି ଅନ୍ୟକୁ ସୁଖ ଦାନ କରନ୍ତି ଅନ୍ୟମାନଙ୍କର ଜୀବିକା ହେଉଥିବାରୁ ଏମାନଙ୍କ ର ଜୀବନ ଧନ୍ୟ ।

ODM EDUCATIONAL GROUP
Changing your Tomorrow

**ଗୃହକର୍ମ :**

ତୁମ ବାଡି ବଗିଚାରେ କେଉଁ କେଉଁ ଗଛ ଅଛି ତାହାର ଏକ ତାଲିକା ପ୍ରସ୍ତୁତ କର ।

୨ ପୃଷ୍ଠା ହସ୍ତାକ୍ଷର ଲେଖ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow